# ଅଧ୍ୟାୟ-୩: ଦକ୍ଷତା ବୃଦ୍ଧି

## ୩.୧ କାର୍ଯ୍ୟକର୍ତ୍ତାବୃନ୍ଦ

ସ୍କିମ୍‌କୁ ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ କରିବା ପାଇଁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏବଂ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଆବଶ୍ୟକ ମୁତାବକ କର୍ମଚାରୀ ଏବଂ ବୈଷୟିକ ସହାୟତା ଯୋଗାଇ ଦେବା ସକାଶେ ଆଇନ୍ ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛି ।

ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଏକ ପ୍ରଶାସନିକ ଢାଞ୍ଚା ସୁପାରିଶ୍ କରିଛି, ଯାହାକୁ ରାଜ୍ୟମାନେ ନିଜର ପରିସ୍ଥିତିକୁ ଚାହିଁ ପ୍ରୟୋଗ କରିପାରନ୍ତି । ଜିଲ୍ଲା, ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ପରିଚାଳନା କ୍ଷେତ୍ରରେ ଆବଶ୍ୟକ ହେଉଥିବା ଆର୍ଥିକ ସହାୟତା ପୂର୍ଣ୍ଣ ମାତ୍ରାରେ ଭାରତ ସରକାର ବହନ କରିବେ ।

୩.୧.୧ **ଗ୍ରାମ ରୋଜଗାର ସହାୟକ:** ଏନ୍.ଆର୍.ଇ.ଜି.ଏସ୍.ର କାର୍ଯ୍ୟକାରିତା ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ବହୁ ସାଂଗଠନିକ ଦାୟିତ୍ୱକୁ ସମ୍ପାଦନ କରିବାକୁ ପଡିଥାଏ । ସ୍କିମ୍‌କୁ ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ପାଇଁ ଗ୍ରାମ ପଞ୍ଚାୟତକୁ ସାହାଯ୍ୟ କରିବା ପାଇଁ ପ୍ରତି ଗ୍ରା.ପ. ସ୍ତରରେ ଅନ୍ତତଃ ଜଣେ ଲେଖାଁ କର୍ମନିଯୁକ୍ତି ଗ୍ୟାରେଣ୍ଟି ସହାୟକଙ୍କୁ ନିଯୁକ୍ତ କରିବା ଆବଶ୍ୟକ । କର୍ମନିଯୁକ୍ତି ଗ୍ୟାରେଣ୍ଟି ସହାୟକଙ୍କୁ ଗ୍ରାମ ରୋଜଗାର ସହାୟକ ବା ସ୍ଥାନୀୟ ଭାଷାରେ ଏକ ପ୍ରତିଶବ୍ଦ ନାମରେ ଡକା ଯାଇପାରେ । ଗ୍ରାମ ରୋଜଗାର ସହାୟକଙ୍କର କାର୍ଯ୍ୟାବଳୀ ସଂଲଗ୍ନ ନଥି ଏ-୪ରେ ସୂଚୀତ ହୋଇଛି । ଗ୍ରାମ ପଞ୍ଚାୟତ ସଂପାଦକ ଓ ଗ୍ରାମ ରୋଜଗାର ସହାୟକଙ୍କ କାର୍ଯ୍ୟାବଳୀ ଭିତରେ ସୁସ୍ପଷ୍ଟ ପାର୍ଥକ୍ୟ ଦର୍ଶିତ ହେବା ଜରୁରୀ । ଗ୍ରାମ ରୋଜଗାର ସହାୟକ କେବଳ ଏନ୍.ଆର୍.ଇ.ଜି.ଏ. ପାଇଁ ଏକ ଉତ୍ସର୍ଗୀକୃତ କର୍ମଚାରୀ । ଗ୍ରାମ ରୋଜଗାର ସହାୟକଙ୍କ ପିଛା ସମସ୍ତ ବ୍ୟୟ ଏନ୍.ଆର୍.ଇ.ଜି.ଏ. ର ପ୍ରାଥମିକ ପ୍ରଶାସନିକ ବ୍ୟୟ ଭିତରେ ଅନ୍ତର୍ଭୁକ୍ତ ରହିବ । ପ୍ରଥମ ପର୍ଯ୍ୟାୟରେ ପ୍ରତି ଗ୍ରାମ ପଞ୍ଚାୟତରେ ଜଣେ ଲେଖା ଗ୍ରାମ ରୋଜଗାର ସହାୟକ ନିଯୁକ୍ତ ହେବେ । ଗ୍ରାମ ରୋଜଗାର ସହାୟକଙ୍କ ଦ୍ୱାରା ସମ୍ପାଦିତ କାର୍ଯ୍ୟାବଳୀକୁ ପ୍ରତି ବର୍ଷ କାର୍ଯ୍ୟକ୍ରମ ଅଧିକାରୀବୃନ୍ଦ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକବୃନ୍ଦ ସମୀକ୍ଷଣ କରିବେ ଏବଂ ତଦନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୩.୧.୨ **କାର୍ଯ୍ୟକ୍ରମ ଅଧିକାରୀ:** ବ୍ଲକ୍ ସ୍ତରରେ ଜଣେ କାର୍ଯ୍ୟକ୍ରମ ଅଧିକାରୀ ନିଯୁକ୍ତ ହେବେ । କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍ ଉନ୍ନୟନ ଅଧିକାରୀ (ବି.ଡି.ଓ.)ଙ୍କ ଠାରୁ ତଳ ପାହ୍ୟାର ହୋଇନଥିବେ । କାର୍ଯ୍ୟକ୍ରମ ଅଧିକାରୀ ଜଣେ ସର୍ବକ୍ଷଣ, ଉତ୍ସର୍ଗୀକୃତ ଅଧିକାରୀ ହୋଇଥିବେ, ଏବଂ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରୁ ମନୋନୀତ ହୋଇପାରନ୍ତି ବା ଡେପୁଟେସନ୍ ଭିତ୍ତିରେ ମଧ୍ୟ ନିଯୁକ୍ତ ହୋଇପାରନ୍ତି । ଚୁକ୍ତିନାମା ଭିତ୍ତିରେ ନୂତନ ବ୍ୟକ୍ତିଙ୍କୁ ମଧ୍ୟ ଏଥିପାଇଁ ନିଯୁକ୍ତ କରାଯାଇପାରେ । କାର୍ଯ୍ୟକ୍ରମ ଅଧିକାରୀଙ୍କ ଦାୟିତ୍ୱ ବି.ଡି.ଓ.ଙ୍କ ଦ୍ୱାରା ମଧ୍ୟ ସମ୍ପାଦିତ ହୋଇପାରେ । ଏଭଳି ସ୍ଥିତିରେ ଆଉ ଜଣେ ବ୍ୟକ୍ତିଙ୍କୁ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଭାବେ ନିଯୁକ୍ତ କରାଯାଇ ପାରେ । କାର୍ଯ୍ୟକ୍ରମ ଅଧିକାରୀଙ୍କ ଦରମା ବାବଦ ବ୍ୟୟ ଏକ ଅପରିବର୍ତ୍ତୀତ ଅର୍ଥରାଶି, ଯାହାକୁ ଶତକଡା ୪ଭାଗ ପରିମିତ ପ୍ରଶାସନିକ ବ୍ୟୟରୁ ଭରଣା କରାଯିବ । ବ୍ଲକ୍ ସ୍ତରରେ କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟପ୍ରକ୍ରିୟାକୁ ସହଜସାଧ୍ୟ କରିବା ପାଇଁ ସହାୟକ କର୍ମଚାରୀବୃନ୍ଦ ନିଯୁକ୍ତ ହେବେ । ଯେଉଁ ସହାୟକ କର୍ମଚାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ବ୍ଲକ୍ ଓ ଗ୍ରା.ପ. ସ୍ତରରେ ମୁତୟନ କରାଯିବ, ସେମାନଙ୍କ ଭିତରେ ରହିବେ ଇଞ୍ଜିନିଅର୍, ତଥ୍ୟ ସଂଚାଳକ ଏବଂ ହିସାବ ରକ୍ଷକ ।

ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ନିର୍ମାଣ କାର୍ଯ୍ୟ, ସୂଚନା ପ୍ରଯୁକ୍ତି କୌଶଳ ଏବଂ ହିସାବ ରକ୍ଷଣାବେକ୍ଷଣ ଭଳି ମୂଳ କାର୍ଯ୍ୟକ୍ଷେତ୍ରରେ ସହାୟତା ଦେବା ପାଇଁ ସହାୟକ କର୍ମଚାରୀ ବୃନ୍ଦ ନିଯୁକ୍ତ ହେବେ ।

୩.୧.୩ **କର୍ମନିଯୁକ୍ତି ଗ୍ୟାରେଣ୍ଟି କମିଶନର୍:** ଆଇନ୍‌ର ଉଦ୍ଦେଶ୍ୟସମୂହର ପରିପୂରଣ ପାଇଁ ଆବଶ୍ୟକ ହେଉଥିବା ସମସ୍ତ କାର୍ଯ୍ୟଗୁଡିକର ସଂପାଦନକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଜଣେ ଅଧିକାରୀଙ୍କୁ ରାଜ୍ୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି କମିଶନର୍ ରୂପେ ନିଯୁକ୍ତ କରିବେ । କମିଶନର୍ ଏସ୍.ଇ.ଜି.ଏସ୍.ର ସଦସ୍ୟ-ସଚିବ ରୂପେ କାର୍ଯ୍ୟ କରିପାରନ୍ତି ଏବଂ ଡି.ପି.ସି.ଙ୍କ ନିଷ୍ପତ୍ତି ବା କାର୍ଯ୍ୟକଳାପ ବିରୁଦ୍ଧରେ ଆଗତ ଅଭିଯୋଗଗୁଡ଼ିକର ଶୁଣାଣି କରିବା ପାଇଁ ପ୍ରାଧିକୃତ ହୋଇପାରନ୍ତି । ଅଭିଯୋଗ ପ୍ରତିକାର, ସାମାଜିକ ସମୀକ୍ଷା, ସୂଚନା ଅଧିକାରର ପ୍ରୟୋଗ, ଏବଂ ସର୍ବସାଧାରଣଙ୍କ ସମ୍ମୁଖରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପାଇଁ ଅନ୍ୟାନ୍ୟ ବ୍ୟବସ୍ଥାମାନ ଯେପରି ଫଳପ୍ରଦ ଭାବେ କାର୍ଯ୍ୟ କରିପାରିବ ତଥା ଏନ୍.ଆର୍.ଇ.ଜି.ଏସ୍.ର ଶ୍ରମିକଗଣ ଏବଂ ଜନଗୋଷ୍ଠୀଙ୍କ ଚାହିଦା ଅନୁଯାୟୀ କ୍ରିୟାଶୀଳ ରହିପାରିବ, ତାହାକୁ ସୁନିଶ୍ଚିତ କରିବା ପାଇଁ ତାଙ୍କୁ ନିର୍ଦ୍ଦେଶିତ କରାଯାଇପାରେ ।

**୩.୨ ଏନ୍.ଆର୍.ଇ.ଜି.ଏ. ଉପରେ ଚେତନା ପ୍ରସାର-**

୩.୨.୧ ସୂଚନା, ପ୍ରଶିକ୍ଷଣ ଏବଂ ପ୍ରସାରଣ (ଆଇ.ଇ.ସି.) - ଆଇନ୍ ଅଧୀନରେ ସେମାନଙ୍କୁ ମିଳିଥିବା ପ୍ରାପ୍ୟଗୁଡ଼ିକ ସମ୍ବନ୍ଧରେ ସେମାନେ ଯେପରି ଜାଣି ପାରିବେ ଆଇନ୍ ଓ ସ୍କିମ୍ ବିଷୟରେ ସୂଚନାବଳୀର ଫଳପ୍ରଦ ପ୍ରସାରଣ ଅତୀବ ଜରୁରୀ ।

୩.୨.୨ ଜନଚେତନା ସୃଷ୍ଟି ପାଇଁ ପ୍ରତି ରାଜ୍ୟ ସରକାର ଏକ ସଘନ ଆଇ.ଇ.ସି. (ସୂଚନା, ପ୍ରଶିକ୍ଷଣ ଏବଂ ପ୍ରସାରଣ) ଅଭିଯାନ ହାତକୁ ନେବେ ଏବଂ ଏହା ମାଧ୍ୟମରେ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ (ଏନ୍.ଆର୍.ଇ.ଜି.ଏ.)ର ପ୍ରମୁଖ ପ୍ରାବ୍‌ଧାନମାନ ତଥା ପଂଜିକରଣ, କର୍ମନିଯୁକ୍ତି ପାଇଁ ଦାବୀ, ବେକାରୀ ଭତ୍ତା, ଅଭିଯୋଗ ପ୍ରତିକାର ଏବଂ ସାମାଜିକ ସମୀକ୍ଷା ଇତ୍ୟାଦି ପାଇଁ ଉଦ୍ଦିଷ୍ଟ ପ୍ରକ୍ରିୟାମାନ ସମ୍ବନ୍ଧରେ ସୂଚନାର ପ୍ରସାରଣ କରିବେ ।

୩.୨.୩ ଆଇ.ଇ.ସି. ଅଭିଯାନ ମୂଳତଃ ଶ୍ରମିକ, ଗ୍ରାମାଞ୍ଚଳ ପରିବାର, ଓ ପଞ୍ଚାୟତିରାଜ ସଂସ୍ଥାସମୂହ ପ୍ରତି ନିଜର ଲକ୍ଷ୍ୟକୁ କେନ୍ଦ୍ରୀଭୂତ କରିବ ତଥା ଉପେକ୍ଷିତ ଅଞ୍ଚଳ ଏବଂ ସ୍ୱଳ୍ପକ୍ଷମ ଜନଗୋଷ୍ଠୀମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରିବ । ଜନଗଣ ନିଜେ କିପରି ନିଜର ଦାବୀ ତଥା ପ୍ରାପ୍ୟ ହାସଲ ପାଇଁ ସ୍ୱର ଉତ୍ତୋଳନ କରି ପାରିବେ ସେ ଦିଗରେ ସେମାନଙ୍କୁ ସମର୍ଥ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଗୋଟିଏ ଆଇ.ଇ.ସି. ଯୋଜନା ତଥା ସୂଚନା-ପ୍ରସାରଣ ସାମଗ୍ରୀ ପ୍ରସ୍ତୁତ କରିବା ଦରକାର ।

୩.୨.୪ ଟେଲିଭିଜନ୍, ରେଡିଓ, ଫିଲ୍ମ, ସ୍ଥାନୀୟ ଭାଷାର ଖବରକାଗଜ ସମେତ ବିଭିନ୍ନ ମୁଦ୍ରଣ ଗଣମାଧ୍ୟମ, ପ୍ରଚାରପତ୍ର ଓ ସୂଚନାପତ୍ର ଇତ୍ୟାଦି ମାଧ୍ୟମରେ ବିଶେଷ କରି ସୁଦୂର ଇଲାକା ମାନଙ୍କରେ ଏବଂ ଅନୁସୂଚୀତ ଜାତି ଓ ଜନଜାତିର ଲୋକମାନଙ୍କ ଭିତରେ ସୂଚନାର ବ୍ୟାପକ ପ୍ରସାରଣ ଜରୁରୀ ।

୩.୨.୫ ଆଇନ୍ ଲାଗୁ ହେବା ପୂର୍ବରୁ ଏହା ସମ୍ବନ୍ଧରେ ବ୍ୟାପକ ପ୍ରସାରଣ ଯେମିତି ଜରୁରୀ, ସେହିପରି ଏହାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ସୂଚନାର ବ୍ୟାପକ ପ୍ରସାରଣ ମଧ୍ୟ ଅଙ୍ଗୀଭୂତ ହୋଇ ରହିବ, ଯାହା ଫଳରେ ଏହି ଆଇନ୍ ଲୋକମାନଙ୍କର ଏକ ଆଇନ୍ ରୂପେ ପରିଗଣିତ ହୋଇପାରିବ । ଏହି ସୂଚନା-ପ୍ରସାରଣ ପ୍ରକ୍ରିୟା କେତେଦୂର ଫଳପ୍ରଦ ହେଉଛି, ତାହା ପ୍ରମାଣିତ ହେବ ଯେତେ ଲୋକ କାମ ଚାହୁଁଛନ୍ତି, ସେମାନଙ୍କ ଭିତରୁ କେତେ ଲୋକ ନିଜକୁ ପଞ୍ଜିକରଣ କରୁଛନ୍ତି ଓ କାମ ପାଇଁ ଦାବୀ କରୁଛନ୍ତି । ସୂଚନା-ପ୍ରସାରଣ ସଫଳ ହୋଇଛି କି ନାହିଁ, ତହିଁର ଅନ୍ୟ ଲକ୍ଷଣଗୁଡିକ ହେଲା, ପ୍ରତି ପର୍ଯ୍ୟାୟରେ ସ୍ଥାନୀୟ ଜନଗୋଷ୍ଠୀଙ୍କ ସକ୍ରିୟ ସଂପୃକ୍ତି, ଅଭିଯୋଗର ତୁରନ୍ତ ପ୍ରତିକାର, ଗ୍ରାମସଭା ଦ୍ୱାରା ସୁସଚେତନ ଢଙ୍ଗରେ ସାମାଜିକ ସମୀକ୍ଷାର ପରିଚାଳନା ଏବଂ ସୂଚନା ଅଧିକାରର ବ୍ୟାପକ ପ୍ରୟୋଗ ।

### ୩.୩ ପ୍ରମୁଖ କାର୍ଯ୍ୟନିର୍ବାହୀ ସଂସ୍ଥା ଓ ଅନୁଷ୍ଠାନସମୂହଙ୍କୁ ତାଲିମ୍-

୩.୩.୧ ଏହି ଆଇନ୍ ଅଧୀନରେ ପ୍ରମୁଖ କାର୍ଯ୍ୟନିର୍ବାହୀ ସଂସ୍ଥା ଓ ଅନୁଷ୍ଠାନସମୂହ ଯେପରି ସେମାନଙ୍କ ଉପରେ ନ୍ୟସ୍ତ ଉତ୍ତରଦାୟିତ୍ୱକୁ ସମ୍ପାଦନ କରିପାରିବେ, ସେଥିପାଇଁ ସେମାନଙ୍କୁ ତାଲିମ୍ ପ୍ରଦାନ କରିବାର ଆବଶ୍ୟକତା ରହିଛି । ସେହିସବୁ ସଂସ୍ଥା ଓ ଅନୁଷ୍ଠାନସମୂହଙ୍କ ଭିତରେ ଅଛନ୍ତି, ଗ୍ରାମପଞ୍ଚାୟତ, ଅନ୍ୟାନ୍ୟ ପଞ୍ଚାୟତିରାଜ ସଂସ୍ଥାସମୂହ ଓ ଏନ୍.ଆର୍.ଇ.ଜି.ଏସ୍.ର କାର୍ଯ୍ୟାନ୍ୱୟନରେ ଜଡିତ ଜିଲ୍ଲା ଏବଂ ରାଜ୍ୟସ୍ତରର ବିଭାଗୀୟ କର୍ମଚାରୀବୃନ୍ଦ ତଥା ସ୍ଥାନୀୟ କମିଟିସମୂହ, ଯେପରିକି ଜନସଜାଗତା (ଭିଜିଲାନ୍ସ), ତଦାରଖ ଏବଂ ସାମାଜିକ ସମୀକ୍ଷା ପାଇଁ ଗଠିତ ହୋଇଥିବା ଦଳସମୂହ । ଆଇନ୍ ସଂପର୍କୀତ ମୁଖ୍ୟ ବିଷୟଗୁଡିକ ଉପରେ ଏକ ମୌଳିକ ତାଲିମ୍ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଦ୍ୱାରା ନିଶ୍ଚିତ ରୂପେ ଆୟୋଜନ କରାଯିବ ଏବଂ ଏ କ୍ଷେତ୍ରରେ ପ୍ରମୁଖ କାର୍ଯ୍ୟକର୍ତ୍ତାସମୂହ, ଯଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ପଞ୍ଚାୟତିରାଜ ସଂସ୍ଥାସମୂହଙ୍କ ଉପରେ ଅଗ୍ରାଧିକାର ପ୍ରଦାନ କରାଯିବ ।

୩.୩.୨ ଆଇନ୍ ଅଧୀନରେ ବିଭିନ୍ନ ସଂସ୍ଥାମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ ସହାୟତା ପ୍ରଦାନ କରିବା ଛଡା ଏହି ତାଲିମ୍ କାର୍ଯ୍ୟକ୍ରମଗୁଡିକ ସେହିସବୁ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଅଗ୍ରାଧିକାର ପ୍ରଦାନ କରିବ, ଯାହାକି ଫଳପ୍ରଦ ଯୋଜନା ପ୍ରଣୟନ, କାର୍ଯ୍ୟର ମାପଚୁପ, ସର୍ବସାଧାରଣରେ ସୂଚନା ପ୍ରକାଶନ, ସାମାଜିକ ସମୀକ୍ଷା ଏବଂ ସୂଚନା ଅଧିକାର ଆଇନ୍, ୨୦୦୫ର ପ୍ରୟୋଗ ପାଇଁ ଆବଶ୍ୟକ ।